# ଏକକ-୨ ବଂଶାନୁକ୍ରମ ଓ ପରିବେଶ

ସଂରଚନା


୨.୦ ଉପକ୍ରମ

୨.୧ ଶିକ୍ଷଣ ଉଦ୍ଦେଶ୍ୟ

୨.୨ ବଂଶାନୁକ୍ରମର ଅର୍ଥ

୨.୩ ପରିବେଶର ଅର୍ଥ

୨.୪ ବଂଶାନୁକ୍ରମ ସପକ୍ଷରେ ଯୁକ୍ତି

୨.୫ ପରିବେଶ ସପକ୍ଷରେ ଯୁକ୍ତି

୨.୬ ବଂଶାନୁକ୍ରମ ଓ ପରିବେଶର ଆନୁପାତିକ ବିଶେଷତ୍ୱ

୨.୭ ଶୈକ୍ଷିକ ଉପାଦେୟତା

୨.୮ ସାରାଂଶ

୨.୯ ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

୨.୧୦ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୨.୧୧ ସଂକ୍ଷେପଣ/ପରିଭାଷିକ

୨.୧୨ ପାଠାନ୍ତ ପ୍ରଶ୍ନାବଳୀ


## ୨.୦ ଉପକ୍ରମ

ଶିକ୍ଷକମାନେ ବିଦ୍ୟାଳୟସ୍ତରରେ କାର୍ଯ୍ୟ କରୁଥିବାରୁ ତୁମେ ନିଶ୍ଚୟ ଲକ୍ଷ୍ୟ କରିଥିବ ଯେ ଶିକ୍ଷାର୍ଥୀମାନେ ଧାରଣାଗୁଡିକୁ ଭିନ୍ନ ଭିନ୍ନ ଭାବରେ ଶିଖିଥାନ୍ତି । କିଛି ଶିକ୍ଷାର୍ଥୀ ଧାରଣାଗୁଡିକୁ ଖୁବ୍ ଶୀଘ୍ର ଆୟତ କରିଥାନ୍ତି ତ ଆଉ କେତେକ ଧୀରେ ଧୀରେ ଶିଖିଥାନ୍ତି । ଉଦାହରଣସ୍ୱରୂପ: ଧରି ନିଆଯାଉ ଏକ ଗଛ କିମ୍ବା ଫୁଲର ରେଖା ଚିତ୍ର ଅଙ୍କନ କରିବା । ଏହି କ୍ଷେତ୍ରରେ ତୁମେ କାହିଁକି ଭାବୁଛ ଯେ ଶିକ୍ଷଣରେ କିଛି ଭିନ୍ନତା ହେବ ବୋଲି ? ପୁନଶ୍ଚ ତୁମେ ଶିକ୍ଷାର୍ଥୀମାନଙ୍କର ପାଠ ବିଷୟରେ ବୌଦ୍ଧିକ ଉପଲବ୍ଧି କିମ୍ବା ହସ୍ତାକ୍ଷରରେ ଭିନ୍ନତା ଲକ୍ଷ୍ୟ କରିଥିବ । ଏହି ପ୍ରକାର ଭିନ୍ନ ଉତ୍ତରରେ କଣ କାରଣ ଥାଇପାରେ ? ଏଥି ନିମନ୍ତେ କୌଣସି ଗ୍ରହଣୀୟ ଉତ୍ତର ଦେବା କଷ୍ଟସାଧ ହୋଇପାରେ । ଏହି ପ୍ରଶ୍ନଗୁଡିକର ଉତ୍ତର ନିମନ୍ତେ ଦୁଇଟି ସମ୍ଭାବ୍ୟ କାରଣ ରହିଛି । ସେଗୁଡିକ ହେଲା-

୧. ବଂଶାନୁକ୍ରମ ଏବଂ

୨. ପରିବେଶପ୍ରଥମ ଏକକ 'ଶିକ୍ଷାର୍ଥୀକୁ ବୁଝିବା'ରେ ବୃଦ୍ଧି ଓ ବିକାଶକୁ ପ୍ରଭାବିତ କରୁଥିବା

ଟିପ୍ପଣୀ

କାରଣଗୁଡ଼ିକ ବିଷୟରେ ଆମେ ବିସ୍ତୃତ ଭାବେ ଆଲୋଚନା କରିଛେ । ଏହି ଏକକରେ ଆମେ ବଂଶାନୁକ୍ରମ ଓ ପରିବେଶର ଭୂମିକା ଉପରେ ଆଲୋଚନା କରିବା । ବଂଶାନୁକ୍ରମ ଏକ ଆଭ୍ୟନ୍ତରିଣ କାରଣ ଓ ପରିବେଶକୁ ଏକ ବାହ୍ୟତମ କାରଣ ଭାବରେ ଆଲୋଚନା କରିବା । ଏହା ବ୍ୟତୀତ ତୁମେ ମଧ୍ୟ ଶିକ୍ଷାର୍ଥୀର ଶିକ୍ଷଣକୁ ସହଜସାଧ୍ୟ କରିବା ଓ ଶିକ୍ଷାଦାନକୁ ପରିଚାଳନା କରିବାରେ ବଂଶାନୁକ୍ରମ ଓ ପରିବେଶ ଶିକ୍ଷଣ ସମ୍ପୃକ୍ତି ବିଷୟରେ ଶିଖିବା ।

## ୨.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକଟି ପଢିସାରିବା ପରେ ତୁମେ ସାମର୍ଥ୍ୟ ହେବ

- ବଂଶାନୁକ୍ରମ ଧାରଣାର ସଂଜ୍ଞା ନିରୂପଣ କରିବାରେ
- ବଂଶାନୁକ୍ରମର ଗଠନ କୌଶଳକୁ ବୁଝାଇପାରିବାରେ
- ପରିବେଶର ଧାରଣା ଓ ପରିବେଶ ସହିତ ସମ୍ପୃକ୍ତ ଉପାଦନଗୁଡ଼ିକୁ ବର୍ଣ୍ଣନା କରିବ, ବ୍ୟକ୍ତି ପାଇଁ କାରକସମୂହ ରୂପେ ବଂଶାନୁକ୍ରମ ଓ ପରିବେଶକୁ ବିଶ୍ଳେଷଣ କରିବା
- ଶିକ୍ଷଣରେ ଭିନ୍ନତା କରିବାରେ, ଓ
- ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାରେ ବଂଶାନୁକ୍ରମ ଓ ପରିବେଶର ବିଶେଷତ୍ୱକୁ ବୁଝାଇପାରିବାରେ ।

## ୨.୨ ବଂଶାନୁକ୍ରମର ଅର୍ଥ

ବଂଶାନୁକ୍ରମ ହେଉଛି ଏକ ସମାୟିତ ଭୃଣକୋଷର ଅବ୍ୟକ୍ତ ଶକ୍ତି ଭାବରେ ରହିଥିବା ଚାରିତ୍ରିକ ବୈଶିଷ୍ଟର ସମାହାର । ସମସ୍ତ ଗୁଣ ଯାହା ଶିଶୁଟି ତା ପିତାମାତାଙ୍କଠାରୁ ଆହରଣ କରିଥାଏ । ତାକୁ ବଂଶାନୁକ୍ରମ ଗୁଣ କୁହାଯାଏ । ଏହାର ଅର୍ଥ ଜାଣିବା ପରେ ଜଣେ ବଂଶାନୁକ୍ରମର ଗଠନ କୌଶଳ ମଧ୍ୟ ଜାଣିବା ଉଚିତ୍ । ଜୀବ ବିଜ୍ଞାନ ଭାଷାରେ ଶିଶୁଟିଏ କିପରି ଜନ୍ମ ନିଏ ? ଜୀବନ ଏକମାତ୍ର କୋଷରୁ ଆରମ୍ଭ ହୋଇଥାଏ ।

**ଗର୍ଭ ଧାରଣ ସମୟ**

ପୁରୁଷ ଓ ସ୍ତ୍ରୀର ବୀଜାଣୁ ମିଳନ ଦ୍ୱାରା ଭ୍ରୁଣ କୋଷର ସମାୟନ ହୋଇଥାଏ । ଏହି ସମାୟିତ ଅଣ୍ଡାକୁ ପ୍ରଜନନ ଦ୍ୱାରା ସୃଷ୍ଟି ହୋଇଥିବା ଜୀବକୋଷ (zygote) କୁହାଯାଏ ।

ପ୍ରଜନନ ଜୀବକୋଷ

↓

୪୬ ପିତ୍ରୀୟ ସୂତ୍ର (କ୍ରୋମୋଜମ୍‌ସ)

↓

ସ୍ତ୍ରୀଠାରୁ ୨୩ଟି ଓ ପୁରୁଷଠାରୁ ୨୩ଟି

ପ୍ରତ୍ୟେକ ପିତ୍ରୀୟ ସୂତ୍ରରେ ୪୦ରୁ ୧୦୦ଟି ଗୁଣସୂତ୍ର ରହିଥାଏ । ଏହି ଗୁଣସୂତ୍ରଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ଚାରିତ୍ରିକ ବୈଶିଷ୍ଟ୍ୟର ବିକାଶ ନିମନ୍ତେ ଉତ୍ତରଦାୟୀ । ପିଟରସନଙ୍କ ଭାଷାରେ ବଂଶାନୁକ୍ରମ ଗୁଣ ହେଉଛି 'ପିତାମାତଙ୍କ ମାଧ୍ୟମରେ ପୂର୍ବ ପୁରୁଷଙ୍କ ଗଚ୍ଛିତ ଗୁଣକୁ ପାଇବା ।' ଡୋଗଲାସ୍ ଓ ହଲାଣ୍ଡ୍ କହିଛନ୍ତି, 'ବଂଶାନୁକ୍ରମ ଗୁଣ ଶିଶୁର ମାତାପିତା ଓ ପୂର୍ବପୁରୁଷଙ୍କଠାରୁ ଆହରଣ କରିଥିବା ଗଠନ, ଶାରୀରିକ ବିଶେଷତ୍ୱ,





କାର୍ଯ୍ୟ ଓ ଦକ୍ଷତାକୁ ବୁଝାଏ ।' F.L. RUCH ଙ୍କ ମତରେ ବଂଶାନୁକ୍ରମ ଗୁଣ ହେଉଛି ସମସ୍ତ ଜୈବିକ ପ୍ରେରିତ କାରକର ସମଷ୍ଟି, ଯାହାକି ଶରୀରର ଗଠନକୁ ପ୍ରଭାବିତ କରେ । ଆସ ଏକ ଛୋଟ ପରିସ୍ଥିତି ଅନୁଧ୍ୟାନ ମାଧ୍ୟମରେ ଉପରୋକ୍ତ କାରକସମୂହକୁ ଯିବା ଯାହା ଶିକ୍ଷଣ ସହିତ ସଂପୃକ୍ତ ।

**ବଂଶାନୁକ୍ରମ ସଂକ୍ରାନ୍ତ ଏକ ଘଟଣା ଅଧ୍ୟୟନ**

ଫ୍ରେଲ୍‌ଚର ଜଣେ ବିଶିଷ୍ଟ ଗଣିତଜ୍ଞ ଓ ପିଆନୋ ବାଦକ ଏବଂ ତାଙ୍କ ସ୍ତ୍ରୀ ମେଘନା ଜଣେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପର୍ଣ୍ଣ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଗାୟକ । ସେମାନଙ୍କର ଦୁଇଟି ପିଲା । ପୁଅ ଆର୍ଯ୍ୟନ ଯିଏ କି ୧୫ ବର୍ଷ ବୟସ । ତା'ର ଗଣିତ ଓ ବିଜ୍ଞାନ ପଢାରେ ବିଶେଷ ଆଗ୍ରହ ଅଛି । ତାର ବାଦ୍ୟଯନ୍ତ୍ର ସଙ୍ଗୀତରେ ମଧ୍ୟ ଆଗ୍ରହ ଅଛି । ସେ ସଙ୍ଗୀତରେ ଜାତୀୟସ୍ତରରେ ଅନେକ ଥର ଚାମ୍ପିଆନ୍ ହୋଇଛି । ସେମାନଙ୍କର ୧୨ ବର୍ଷର ଏକ ଝିଅ କ୍ରିଷ୍ଣାନା ଅଛି । ତାର ଉଭୟ ଇଂରାଜୀ ଓ ସଙ୍ଗୀତ ପ୍ରତି ଆଗ୍ରହ ଅଛି । ଦୁଇଟିଯାକ ପିଲା ବିଦ୍ୟାଳୟ ପାଠପଢାରେ ମଧ୍ୟ ଖୁବ୍ ଭଲ ପ୍ରଦର୍ଶନ କରନ୍ତି । ସମସ୍ତ ବିଷୟରେ ୯୫ ପ୍ରତିଶତରୁ ଅଧିକ ମାର୍କ ରଖନ୍ତି ।

ଅଧିକ ପଠନକୁ ଅଗ୍ରସର ହେବା ପୂର୍ବରୁ ଉପରୋକ୍ତ ପରିସ୍ଥିତି ଅନୁଧ୍ୟାନ ସାହାଯ୍ୟରେ ନିମ୍ନୋକ୍ତ ପ୍ରଶ୍ନଗୁଡିକର ଉତ୍ତର ଦିଅ ।

ପ୍ରଶ୍ନ. ୧. ପିଲାମାନଙ୍କଠାରେ ସବୁଠାରୁ ପ୍ରଭାବଶାଳୀ ବଂଶାନୁକ୍ରମ ଗୁଣ ଯାହା ତୁମେ ଦେଖିବାକୁ ପାଇଲ(ଠିକ୍ ଉତ୍ତର ପାଖରେ ଠିକ୍ ଚିହ୍ନ ଦିଅ)

କ. ସୃଜନଶୀଳତା

ଖ. କୌଶଳଭିତ୍ତିକ ବିଷୟଗୁଡିକ ପାଇଁ ସକାରାତ୍ମକ ମନୋବୃତ୍ତି

ଗ. ଆହ୍ୱାନମୂଳକ ମନୋବୃତ୍ତି

ଘ. ମନୋବୃତ୍ତିରେ ଭିନ୍ନତା

ପ୍ରଶ୍ନ. ୨. ପିଲାମାନଙ୍କଠାରେ ବିଜ୍ଞାନ ଓ ସଙ୍ଗୀତ ଶିକ୍ଷାକୁ ଭଲ ପାଇବା ବିକାଶ ନିମନ୍ତେ ସହାୟକ କାରକଗୁଡିକ କଣ ?

.......................................................................................................................

.......................................................................................................................

.......................................................................................................................

.......................................................................................................................

## ୨.୩ ପରିବେଶର ଅର୍ଥ

ପରିବେଶର ଅର୍ଥ ହେଉଛି ସେହି ସମସ୍ତ ଉଦ୍ଦୀପକ ଯାହାକି ବ୍ୟକ୍ତିର ଚତୁଃପାର୍ଶ୍ୱକୁ ପ୍ରଭାବିତ କରିଥାଏ । ଆନାସ୍ତାଜ୍ୱିଙ୍କ ଭାଷାରେ 'ପରିବେଶ ହେଲା ତାହା, ଯାହା ଗୁଣସୂତ୍ର ବ୍ୟତୀତ ବ୍ୟକ୍ତିର ଅନ୍ୟ ସବୁକୁ ପ୍ରଭାବିତ କରିଥାଏ ।'ଡୁଗଲାସ୍ ଓ ହଲାଣ୍ଡଙ୍କ ଭାଷାରେ, 'ପରିବେଶ ଶବ୍ଦର ଅର୍ଥ ହେଉଛି ସମସ୍ତ ବାହ୍ୟବଳ, ପ୍ରଭାବ ଓ ସର୍ତ୍ତ ଯାହା କି ଜୀବଜଗତର ଜୀବନ, ପ୍ରକୃତି, ବ୍ୟବହାର, ବୃଦ୍ଧି ଓ ବିକାଶ ଓ ପରିପକ୍ୱତାକୁ ପ୍ରଭାବିତ କରିଥାଏ ।' ପରିବେଶ ହେଉଛି ବିଭିନ୍ନ ପ୍ରକାରର ବଳ ଯଥା ଭୌତିକ, ସାମାଜିକ, ନୈତିକ, ଅର୍ଥନୈତିକ, ସାଂସ୍କୃତିକ, ରାଜନୈତିକ ଓ ଆବେଗିକ ବଳ । ଶିଶୁର ସ୍ଥାନୀୟ ଦକ୍ଷତାର ବିକାଶ ନିମନ୍ତେ ଏକ ଅନୁକୂଳ ପରିବେଶ ସହାୟକ ହୋଇଥାଏ ।

ଗିଲ୍‌ବର୍ଟଙ୍କ ମତରେ ପରିବେଶ ହେଉଛି ତାହା ଯାହା ଏକ ବସ୍ତୁର ନିକଟସ୍ଥ ଚତୁଃପାର୍ଶ୍ୱରେ ଥାଏ ଓ ଏହା ଉପରେ ସିଧାସଳଖ ପ୍ରଭାବ ପକାଇଥାଏ ।

ମାନସିକ ପରିବେଶର ଅର୍ଥ ହେଲା ବାୟୁମଣ୍ଡଳ ଯାହାକି ବ୍ୟକ୍ତିର ମାନସିକ ବିକାଶ ନିମନ୍ତେ ଜରୁରି । ଯଦି ଲାଇବ୍ରେରୀ, ପ୍ରୟୋଗଶାଳା ଶୈକ୍ଷିକ ଓ ସହ-ଶୈକ୍ଷିକ କାର୍ଯ୍ୟଗୁଡିକ ଠିକ୍ ଭାବେ ସଂଗଠିତ କରାଯାଏ । ଶିକ୍ଷାର୍ଥୀର ଆବଶ୍ୟକୀୟ ବୌଦ୍ଧିକ ବିକାଶ ସମ୍ଭବ ହୋଇପାରିବ । ସେଥିପାଇଁ ଶିକ୍ଷକ ଶିଶୁକୁ ଯଥାସମ୍ଭବ ତା'ର ମାନସିକ ପରିବେଶ କର୍ମଶାଳା, ମ୍ୟୁଜିୟମ୍ କ୍ଲବ୍, ଆଖେଡା, ତର୍କ ଇତ୍ୟାଦି ଯୋଗାଇ ତାକୁ ଉତ୍ସାହିତ କରିବା ଉଚିତ୍ ।

## ୨.୪ ବଂଶାନୁକ୍ରମ ସପକ୍ଷରେ ଯୁକ୍ତି

ଯମଜର ପ୍ରକାର ଭେଦ: ଦୁଇ ପ୍ରକାର ଯମଜ ଦେଖାଯାନ୍ତି । ୧. ସାଦୃଶ୍ୟ ଏବଂ ୨. ଭ୍ରାତୃ ସମ୍ବନ୍ଧୀୟ ଯମଜ । ସାଦୃଶ୍ୟ ଯମଜ ଗୋଟିଏ ଭ୍ରୁଣକୋଷରୁ ବୃଦ୍ଧି ହୋଇଥାଏ । ଭ୍ରାତୃ ସମ୍ବନ୍ଧୀୟ ଯମଜ ଦୁଇଟି ପୃଥକ୍ ଭ୍ରୁଣର ବା ବୀଜାଣୁର ଅଙ୍କୁରୋଦଗମ୍ରୁ ସୃଷ୍ଟି ହୋଇଥାଏ । ସାଦୃଶ୍ୟ ଯମଜ ପରସ୍ପର ସହିତ ମେଳ ଖାଇଥାନ୍ତି ଏବଂ ଏଗୁଡିକ ସମଲିଙ୍ଗୀ ହୋଇଥାନ୍ତି । କିନ୍ତୁ ଭ୍ରାତୃ ସମ୍ବନ୍ଧୀୟ ଯମଜ ସାଧାରଣତଃ ଏକ ସମୟରେ ଭାଇ ଓ ଭଉଣୀ ହୋଇଥାନ୍ତି ।

ଥର୍ଣ୍ଡଡାଇକ୍, ନିଉମାନ୍, ଫ୍ରିମାନ୍ ଡାଭିଡ୍ ୱିନ୍‌ଫିଲ୍ଡ ଏବଂ ଅନ୍ୟମାନେ ଯମଜ ଉପରେ ଗବେଷଣା କରିଛନ୍ତି । ସେମାନେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ ବ୍ୟକ୍ତିଗତ ପାର୍ଥକ୍ୟ ନିମନ୍ତେ ବଂଶାନୁକ୍ରମ ଏକ ମୁଖ୍ୟ କାରଣ । ଡାଭିଡ୍ ୱିନଫିଲ୍ଡଙ୍କ ଦ୍ୱାରା କରାଯାଇଥିବା ଏକ ଗବେଷଣା ଏହି ସିଦ୍ଧାନ୍ତରେ ପହଞ୍ଚିଛି ।

| କ୍ର. ସଂଖ୍ୟା | ବର୍ଣ୍ଣନା | IQ |
|---|---|---|
| ୧. | ସଦୃଶ ଯମଜ | 0.90 |
| ୨. | ଭ୍ରତୃ ସମ୍ବନ୍ଧୀୟ ଯମଜ | 0.70 |
| ୩. | ଭାଇ ଭଉଣୀ | 0.50 |
| ୪. | ପିତାମାତା ଓ ପିଲା | 0.31 |
| ୫. | ଅସମ୍ପର୍କୀତ ପିଲା | 0.31 |

ଉପରୋକ୍ତ ଗବେଷଣା ଦର୍ଶାଉଛି ଯେ କୌଣସି ବ୍ୟକ୍ତିର ଜୀବନରେ ବଂଶାନୁକ୍ରମ ଗୁଣ ଏକ ଗୁରୁତ୍ୱପୂର୍ଣ୍ଣ କାରକ । ଶୈଶବାବସ୍ଥାରୁ ପୃଥକ୍ ଭାବରେ ଲାଳିତପାଳିତ ହେଉଥିବା ସାଦୃଶ୍ୟ ଯମଜ ସନ୍ତାନ ଏକତ୍ର ଭାବେ ଲାଳିତପାଳିତ ହେଉଥିବା ସାଦୃଶ୍ୟ ସନ୍ତାନଠାରୁ କେତେକ କ୍ଷେତ୍ରରେ ଭିନ୍ନ ଅଟନ୍ତି । ତଥାପି ସେମାନେ ଏକାଠି ବା ଅଲଗା ଭାବେ ଲାଳିତପାଳିତ ହୋଉଥିବା ଭାତୃ ସମ୍ବନ୍ଧୀୟ ଯମଜଙ୍କ ଠାରୁ ଅଧିକ ଏକା ପରି ହୋଇଥାନ୍ତି । ଏହାର ଅର୍ଥ ସମ୍ପର୍କ ନିବିଡତର ହେଲେ ଧୀମତାର ମାନ ହୋଇଥାଏ ।

## ୨.୫ ପରିବେଶ ସପକ୍ଷରେ ଯୁକ୍ତି

ଫ୍ରିମାନ୍ ପ୍ରମାଣ କରି ଦେଇଥିଲେ ଯେ ୭୧ ଜଣ ପିଲା ଯେଉଁମାନଙ୍କୁ କି ଏକ ନ୍ୟୂନ ପରିବେଶରୁ ଅଣାଯାଇ

ଉତ୍ତମ ପରିବେଶରେ ରଖାଗଲା, ସେମାନେ ବିନେଟ୍‌ଙ୍କର ମାନସିକ ମାନକରେ ୧୦ ପଏଣ୍ଟ ପର୍ଯ୍ୟନ୍ତ ବୃଦ୍ଧି ଦେଖାଇଥିଲେ । ଏହା ଏକ ବ୍ୟକ୍ତିର ଜୀବନରେ ପରିବେଶ ଭୂମିକାକୁ ସ୍ପଷ୍ଟ ପ୍ରମାଣିତ କରୁଛି ।

ଜେମ୍‌ସ ଓ ରେସ୍‌ଙ୍କ ଗବେଷଣା ଦୁଇଟି ପିଲାଙ୍କୁ ଏକ ପାହାଡରେ ଓ ଏକ ଗ୍ରାମରେ ପାଳନ କରାଗଲା । ଯେତେବେଳେ ତାଙ୍କ ବୌଦ୍ଧିକ ବିକାଶକୁ ଦେଖାଗଲା ଏହା ୧୯ ପଏଣ୍ଟ ପାର୍ଥକ୍ୟ ଦେଖାଇଲା । ଏହା ବୁଦ୍ଧିମତା ଉପରେ ପରିବେଶରେ ପ୍ରଭାବକୁ ସ୍ପଷ୍ଟ ଦର୍ଶାଉଛି । ବର୍ତ୍ତମାନ ପ୍ରଶ୍ନ ହେଲା- ଶିଶୁର ବ୍ୟକ୍ତିଗତ ପାର୍ଥକ୍ୟ ଓ ବିଶେଷତ୍ୱ ତା'ର ୧.ପରିବେଶ, ୨. ବଂଶାନୁକ୍ରମ ଗୁଣ ବା ଉଭୟ ଯୋଗୁ ହୋଇଥାଏ କି ?

ଯଦି ଏହା ହୋଇଥାଏ ତେବେ କେତେ ମାତ୍ରାରେ ? ଶିଶୁର ବ୍ୟକ୍ତିଗତ ପାର୍ଥକ୍ୟ ସୃଷ୍ଟି କରିବାରେ ଓ ବିକାଶରେ ବଂଶାନୁକ୍ରମ ଗୁଣ ଓ ପରିବେଶର ଭୂମିକା କଣ ? ଏହା ଯେ ଉଭୟ ବଂଶାନୁକ୍ରମ ଗୁଣ ଓ ପରିବେଶ ସମାନ ଭାବରେ ଏକ ଶିଶୁର ବ୍ୟକ୍ତିଗତ ପାର୍ଥକ୍ୟ ଓ ବିକାଶ ନିମନ୍ତେ ଦାୟୀ ।

### ପରିବେଶ ଉପରେ ଏକ ଘଟଣା ଅଧ୍ୟୟନ

ଅନିଲ୍ ଓ ସୁନିଲ୍ ଦଶମ ଶ୍ରେଣୀର ଶିକ୍ଷାର୍ଥୀ । ସେମାନେ ନୂଆଦିଲ୍ଲୀର କିଙ୍ଗ୍ ଜର୍ଜ ସ୍କୁଲରେ ପଢନ୍ତି । ଉଭୟ ଏକ ଉଚ୍ଚ ବ୍ୟବସାୟୀ ପରିବାରର ଅଟନ୍ତି । ସେମାନେ ଆମେରିକାର ହାର୍ଭାଡ ବିଶ୍ୱବିଦ୍ୟାଳୟରୁ ଏମ୍‌ବିଏ କରିବାର ଆକାଂକ୍ଷା ରଖିଥିଲେ । କିନ୍ତୁ ସେମାନଙ୍କ ପିତାମାତା ତାଙ୍କୁ ବାଣିଜ୍ୟ ଓ ହିସାବରକ୍ଷଣ ପାଠ୍ୟକ୍ରମ ପଢି ନିଜ ବ୍ୟବସାୟ ସମ୍ଭାଳିବାକୁ ଉପଦେଶ ଦେଲେ । ସେମାନେ ମଧ୍ୟ ବାଣିଜ୍ୟରେ ଆଗ୍ରହ ଦେଖାଇଥିଲେ । ଭାରତରେ ଉଭୟ ଅର୍ଥନୈତିକ ସଂସ୍କାର ଉପରେ କିଛି ମାଗାଜିନ୍‌ରେ କିଛି ସନ୍ଦର୍ଭ ଲେଖିଲେ, ଏବଂ ସେମାନଙ୍କ ବିଦ୍ୟାଳୟ ବିଷୟଗୁଡିକର ଅଧ୍ୟୟନ ଉପସ୍ଥାପନା କଲେ ।

ଉପରୋକ୍ତ ଘଟଣା ବିବରଣୀର ସହାୟତାରେ ନିମ୍ନ ପ୍ରଶ୍ନଗୁଡିକର ଉତ୍ତର ଦିଅ ।

୧. ଶିକ୍ଷାର୍ଥୀମାନଙ୍କର ପ୍ରଭାବ ବିସ୍ତାରକାରୀ ଗୁଣଗୁଡିକ କଣ ?

..............................................................................................................................

..............................................................................................................................

..............................................................................................................................

୨. ଏହି ଗୁଣଗୁଡିକ ଶିକ୍ଷାର୍ଥୀମାନେ କିପରି ପାଇଲେ ?

..............................................................................................................................

..............................................................................................................................

..............................................................................................................................

୩. ତୁମେ କିପରି ପ୍ରମାଣ କରିବ ଯେ ପିଲାମାନଙ୍କର ଉଚ୍ଚ ଭବିଷ୍ୟତ ଲକ୍ଷ୍ୟ ରହିଛି ?

..............................................................................................................................

..............................................................................................................................

୪. ସେମାନଙ୍କ ଭବିଷ୍ୟତ ଲକ୍ଷ୍ୟକୁ ପ୍ରଭାବିତ କରୁଥିବା କାରକଗୁଡିକ କଣ ?

..............................................................................................................................

..............................................................................................................................

ଟିପ୍ପଣୀ

ଟିପ୍ପଣୀ

## ୨.୬ ପରିବେଶ ଓ ବଂଶାନୁକ୍ରମ ଗୁଣର ତୁଳନାତ୍ମକ ବିଶେଷତ୍ୱ

ବଂଶାନୁକ୍ରମ ଗୁଣ ହେଉଛି ଜୈବିକ ଭାବରେ ସ୍ଥାନାନ୍ତରଣ ହେଉଥିବା କାରକ ସମୂହ ଯାହାକି ଶରୀରର ଗଠନ ଢାଞ୍ଚାକୁ ପ୍ରଭାବିତ କରେ ଏବଂ ପରିବେଶ ହେଉଛି ସାମଗ୍ରିକ ସ୍ଥିତି । ଉଭୟ ପରିବେଶ ଓ ବଂଶାନୁକ୍ରମ ଗୁଣ ବ୍ୟକ୍ତିର ଜୀବନରେ ଗୁରୁତ୍ୱପୂର୍ଣ୍ଣ ଅଟନ୍ତି, ଉଭୟ ବିକାଶର ନିର୍ଦ୍ଧାରଣକାରୀ । ROSS ଙ୍କ ମତରେ ଏହି କାରକଗୁଡିକର କ୍ରିୟା ବ୍ୟକ୍ତିର ଜୈବିକ, ମନସ୍ତାତ୍ତ୍ୱିକ ଓ ସାମାଜିକ ବିକାଶକୁ ନିର୍ଦ୍ଧାରଣ କରିଥାନ୍ତି । ଯାହାକି ଏକ ସୂତ୍ର ଦ୍ୱାରା ସ୍ପଷ୍ଟ ହୋଇଥାଏ ।

H x E x T= DL

ଏଠାରେ H= ବଂଶାନୁକ୍ରମ ଗୁଣ

E= ପରିବେଶ

T= ସମୟ

DL= ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶର ସ୍ତର ।

ଏହି ସୂତ୍ର ହେଉଛି ଯେ ବଂଶାନୁକ୍ରମ ଗୁଣ କିମ୍ବା ପରିବେଶ ଏକାକୀ କାର୍ଯ୍ୟ କରିବା ଅର୍ଥହୀନ । ବ୍ୟକ୍ତିର ଯାହା ବିକାଶ ହୋଇଥାଏ ସେଥିପାଇଁ ଉଭୟ ଆବଶ୍ୟକ ।

ବଂଶାନୁକ୍ରମ ଗୁଣ କିଛି ପରିବେଶରେ ଏକାକୀ କାର୍ଯ୍ୟ କରିପାରିବ । ପରିବେଶ ବିନା ଏହା ଅନାବଶ୍ୟକ ଏବଂ ବଂଶଗତ ଗୁଣ ବିନା ପରିବେଶର ମାନେ କିଛି ନାହିଁ । ଏହାର ଅର୍ଥ ଏକ ବ୍ୟକ୍ତିର ଜୀବନ ପାଇଁ ଉଭୟଙ୍କର ଆବଶ୍ୟକତା ରହିଛି । ବଂଶଗତ ଗୁଣ ଶରୀରକୁ ଆକାର, ରଙ୍ଗ ଓ ରୂପ ପ୍ରଦାନ କଲାବେଳେ ପରିବେଶ ଏହାର ବିକାଶରେ ସହାୟକ ହୋଇଥାଏ ।

Landis and Landis ଦର୍ଶାଇଥିଲେ ଯେ 'ବଂଶାନୁକ୍ରମ ଗୁଣ ଆମକୁ ବିକାଶ ନିମନ୍ତେ କ୍ଷମତା ଯୋଗାଉଛି ଓ ଏହି କ୍ଷମତର ବିକାଶ ପାଇଁ ପରିବେଶ ଆମକୁ ସୁଯୋଗ ପ୍ରଦାନ କରୁଛି ।'

woodworth ଙ୍କ ଭାଷାରେ ଏକ ଶିଶୁର ବୃଦ୍ଧି ଓ ବିକାଶ ନିମନ୍ତେ ଉଭୟ ସମାନ ମାତ୍ରାରେ ଆବଶ୍ୟକ ।

ବ୍ୟକ୍ତି ହେଉଛି ବଂଶାନୁକ୍ରମ ଗୁଣ ଓ ପରିବେଶର ବହୁବିଧ କାରଣର ଫଳ । ବ୍ୟକ୍ତିକୁ ଏକ ଆୟତକ୍ଷେତ୍ରର କ୍ଷେତ୍ରଫଳ ଭାବେ ପ୍ରକାଶ କରାଯାଇପାରେ । ଯେଉଁଠି ବଂଶାନୁକ୍ରମ ଗୁଣକୁ ଭୂମି ବା ଆଧାର ଓ ପରିବେଶ ଉଚ୍ଚତା ହୋଇଥାନ୍ତି । ଆୟତକ୍ଷେତ୍ରର କ୍ଷେତ୍ରଫଳ କେବଳ ଭୂମି ବା ଉଚ୍ଚତା ଉପରେ ନିର୍ଭର କରି ନଥାଏ, ବଂର ଉଭୟ ଉପରେ ନିର୍ଭର କରିଥାଏ । ସେହିପରି ବଂଶାନୁକ୍ରମ ଗୁଣ ଓ ପରିବେଶର ଫଳ ହେଉଛି ବ୍ୟକ୍ତି । ବଂଶାନୁକ୍ରମର ଗୁଣର ବିକାଶର ପ୍ରଚ୍ଛନ୍ନ ଶକ୍ତି ପରିବେଶ ଯୋଗୁଁ ହୋଇଥାଏ ।

▲ A=bxh

କ୍ଷେତ୍ରଫଳ= ଭୂମି x ଉଚ୍ଚତା

ବଂଶାନୁକ୍ରମ ଗୁଣ ଓ ପରିବେଶ ପୃଥକ୍ ଭାବେ କାର୍ଯ୍ୟ କରିପାରିବେ ନାହିଁ । ପ୍ରତ୍ୟେକ ବ୍ୟକ୍ତିର ବଂଶଗତ ଗୁଣ ରହିଥାଏ ଏବଂ ଏସବୁ ଗୁଣ ତାର ପ୍ରତିପାଳନ ନିମନ୍ତେ ପରିବେଶରୁ ବିକାଶ ହୋଇଥାଏ ।

Murphy ଦର୍ଶାଇଥିଲେ ଯେ ବଂଶାନୁକ୍ରମ ଗୁଣ କେବଳ ବଂଶାନୁଗତ ପ୍ରଚ୍ଛନ୍ନ ଶକ୍ତିର ଉଦ୍ରେକ ଦ୍ୱାରା ହୋଇପାରେ ଏବଂ ଏହା ନିର୍ଦ୍ଦିଷ୍ଟ ପରିବେଶଗତ ଶକ୍ତି ଦ୍ୱାରା ହୋଇଥାଏ ଓ ଯାହା ନିର୍ଗତ ତାହା ବ୍ୟକ୍ତିର ଅନ୍ତର୍ନିହିତ ଶକ୍ତି ଭାବରେ ଗଚ୍ଛିତ ହୋଇ ରହିଲା ।

ଉର୍ଦ୍ଧ ସୀମା ବଂଶାନୁକ୍ରମ ଗୁଣ ଦର୍ଶାଏ, ଏବଂ ପରିବେଶ ଏହାର ସୀମା ବାହାରକୁ ଯାଇପାରିବ ନାହିଁ । କିନ୍ତୁ ଏହା ବଂଶାନୁକ୍ରମ ଗୁଣ ଦ୍ୱାରା ଦିଆଯାଇଥିବା କଞ୍ଚାମାଲ୍‌ର ଯଥୋଚିତ ବିକାଶରେ ସହାୟକ ହୋଇଥାଏ । ବଂଶାନୁକ୍ରମ ଗୁଣ ବ୍ୟକ୍ତିକୁ କଞ୍ଚାମାଲ୍ ଯୋଗାଏ, ସଂସ୍କୃତି ଓ ପରମ୍ପରା ତାର ନକ୍‌ସା ପ୍ରସ୍ତୁତ କରେ ଏବଂ ପରିବାର ତାର ଶିଳ୍ପୀ ହୋଇଥାଏ । କାରଣ ପିତାମାତା ହିଁ ସମାଜର ସଂସ୍କୃତି ଓ ପରମ୍ପରାକୁ ପିଲାମାନଙ୍କ ପାଖରେ ପହଞ୍ଚାଇଥାନ୍ତି ।

Maclver & Page ଙ୍କ ଅନୁସାରେ ଜୀବନର ପ୍ରତ୍ୟେକ ଘଟଣା ହେଉଛି ଉଭୟ ବଂଶାନୁକ୍ରମ ଓ ପରିବେଶର ଫଳସ୍ୱରୂପ, ପ୍ରତ୍ୟେକଟି ଅନ୍ୟ ପାଇଁ ଆବଶ୍ୟକ । ସେମାନଙ୍କୁ ନା ତ୍ୟାଗ କରି ହେବ ନା ପୃଥକ୍ କରି ହେବ । ପୁନଶ୍ଚ ସେମାନଙ୍କର ମହତ୍ତ୍ୱକୁ ଏକ ବ୍ୟାଖ୍ୟା ମାଧ୍ୟମରେ ଦୃଷ୍ଟିକୁ ଅଣାଯାଇପାରିବ ।

୧. ମଞ୍ଜି(ବଂଶାନୁକ୍ରମ ଗୁଣ) x ମୃତ୍ତିକା= ଉତ୍ପାଦନ

୨. ପୁଞ୍ଜି x ବିନିଯୋଗ = ରାଜସ୍ୱ

## ୨.୭ ଶୈକ୍ଷିକ ପ୍ରୟୋଗ

ଜଣେ ଶିକ୍ଷକଙ୍କ ପକ୍ଷେ ବଂଶଗତ ଗୁଣ ଓ ପରିବେଶର ତୁଳନାତ୍ମକ ଭୂମିକା ଉପରେ ଜ୍ଞାନ ରହିବା ଅତ୍ୟାବଶ୍ୟକ । ଫଳରେ ସେ ତାଙ୍କର ଶିକ୍ଷାର୍ଥୀମାନଙ୍କୁ ଧାରଣାଗୁଡ଼ିକୁ ଭଲ ଭାବରେ ଶିଖାଇବାରେ ସାହାଯ୍ୟ କରିପାରିବେ । ଉଭୟ କାରକ ଉପରେ ଜ୍ଞାନ ଲାଭ ଶିକ୍ଷକଙ୍କୁ ଶିକ୍ଷାର୍ଥୀମାନଙ୍କ ଶିକ୍ଷଣରେ ଥିବା ବ୍ୟକ୍ତିଗତ ପାର୍ଥକ୍ୟକୁ ଖୋଜି ବାହାର କରିବାରେ ସହାୟକ ହେବ ତାହା ଇଂରାଜୀ ହେଉ ଅବା ଗଣିତ । ଏଥିସହିତ ତାର ଶିକ୍ଷଣ ପଦ୍ଧତି ଓ କୌଶଳ ଯଥା ପ୍ରକଳ୍ପ ପଦ୍ଧତି ଏବଂ ଭାବ ବିନିମୟ ଶିକ୍ଷାଦାନ ପଦ୍ଧତି ଦ୍ୱାରା ନିଜକୁ ଖାପଖୁଆଇବାରେ ସହାୟକ ହେବ । ଶିକ୍ଷକ ଉତ୍ତମ ଶିକ୍ଷା ଓ ଉତ୍ତମ ପରିବେଶ ଯୋଗାଇ ଦେବାକୁ ଯୋଜନା କରିବା ଉଚିତ । କମ୍ପ୍ୟୁଟର ପ୍ରୟୋଗଶାଳା ଓ ପ୍ରତ୍ୟେକ ବିଷୟରେ ଲାଇବ୍ରେରୀ ସୁବିଧା ଯୋଗଇ ଦେବା ଉଚିତ୍ । ସେ ଶିକ୍ଷାର୍ଥୀକୁ ବୁଝିବା ଉଚିତ । ତାର ପରିବେଶକୁ ବୁଝିବା ଉଚିତ୍ ଏବଂ ସେ ଶିକ୍ଷାର୍ଥୀର ବିକାଶ ନିମନ୍ତେ ପାଠ୍ୟ ଖସଡା ପ୍ରସ୍ତୁତ କରିବା ଉଚିତ୍ । ଏହି ପ୍ରସଙ୍ଗରେ Sorenson କହିଛନ୍ତି ଯେ ଜଣେ ଶିକ୍ଷକଙ୍କ ପାଇଁ ଜ୍ଞାନ, ବଂଶାନୁକ୍ରମ ଗୁଣ ଓ ପରିବେଶ ମନୁଷ୍ୟ ବିକାଶ ଉପରେ ପ୍ରଭାବ ଏବଂ ସେମାନଙ୍କ ମଧ୍ୟରେ ଥିବା ସମ୍ପର୍କ ଉପରେ ଜ୍ଞାନ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଶୈକ୍ଷିକ ଦିଗର ଉଚ୍ଚତର ଉପଲବ୍ଧି ବିଦ୍ୟାଳୟର ପରିବେଶ ଉପରେ ନିର୍ଭର କରିଥାଏ ।

ବିଦ୍ୟାଳୟରେ ବିଭିନ୍ନ ପ୍ରକାର ସମୃଦ୍ଧିକର ଶୈକ୍ଷିକ ଓ ସହ-ଶୈକ୍ଷିକ କାର୍ଯ୍ୟକ୍ରମ ଯଥା କୁଇଜ୍ ଓ ସାହିତ୍ୟିକ ପ୍ରତିଯୋଗିତାମାନ କରିବା ପାଇଁ ଲକ୍ଷ୍ୟ ରଖିବା ଉଚିତ୍ । ସେମାନଙ୍କର ଉତ୍ତମ ଶୈକ୍ଷିକ, ବୃତ୍ତିଗତ, ବ୍ୟକ୍ତିଗତ ଉପଦେଶ ପରାମର୍ଶ ଏବଂ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକ୍ରମ ଥାଇପାରେ । ଯଦି ସେମାନଙ୍କ ବଂଶାନୁକ୍ରମ ଗୁଣ ଓ ପରିବେଶ ଆମକୁ ଜଣାଅଛି । ବିଭିନ୍ନ ପ୍ରକାର ଅସାଧାରଣ ଶିକ୍ଷାର୍ଥୀମାନଙ୍କୁ ଯଥା ସାଧାରଣ, ଅସାଧାରଣ, ଭିନ୍ନକ୍ଷମ, ପ୍ରଥମ ବଂଶଧର ଶିକ୍ଷାର୍ଥୀ ଓ ଶିକ୍ଷାରେ ପଛୁଆ ପିଲାମାନଙ୍କ ସହିତ କାର୍ଯ୍ୟ କରିବା ପାଇଁ ଜଣେ ଶିକ୍ଷକଙ୍କୁ ତାଙ୍କ ପରିବେଶ ଓ ବଂଶାନୁକ୍ରମ ବିଷୟରେ ଯଥେଷ୍ଟ ଜ୍ଞାନ ଥିବା ଦରକାର ।

୧. **ଶିକ୍ଷାର୍ଥୀର ପୃଷ୍ଠଭୂମି:** ପିଲା ବିଷୟରେ ପୂର୍ବ ଜ୍ଞାନ, ବୌଦ୍ଧିକସ୍ତର, ପାରିବାରିକ ପରିସ୍ଥିତି, ଆଗ୍ରହ, ମନୋବୃତ୍ତି ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ଯେଉଁ ପିଲାମାନେ ଗୋଟିଏ କ୍ଷେତ୍ରରେ ପଛୁଆ ସେମାନେ

ଟିପ୍ପଣୀ

ଅନ୍ୟ କୌଣସି କ୍ଷେତ୍ରରେ ଆଗୁଆ ଥାଇପାରନ୍ତି । ତେଣୁ ଶିକ୍ଷକ ପିଲାମାନଙ୍କୁ ଏକ ଉପଯୁକ୍ତ ପରିବେଶ ଯୋଗାଇବା ସହିତ ସମସ୍ତଙ୍କୁ ସମାନ ବ୍ୟବହାର ଦେଖାଇବା ଉଚିତ ।

୨. ଏମିତି କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ଅନେକ କାରଣରୁ ଦଳର ସମସ୍ତଙ୍କଠାରୁ କୌଣସି କ୍ଷେତ୍ରରେ ପଛୁଆ ଥାନ୍ତି । ତେଣୁ ଶିକ୍ଷକଙ୍କର ସବୁ ପିଲାଙ୍କ ଦକ୍ଷତା, କ୍ଷମତା, ଆଗ୍ରହ, ମନୋବୃତ୍ତି, ବ୍ୟକ୍ତିତ୍ୱ ବିଷୟରେ ଜ୍ଞାନ ରହିବା ଦରକାର ଓ ସେହି ଦିଗରେ ସେମାନଙ୍କୁ ସର୍ବାଧିକ ସୁଯୋଗ ପ୍ରଦାନ କରିବା ଉଚିତ ।

୩. ଶ୍ରେଣୀରେ ବିଭିନ୍ନ ପ୍ରକାରର ଶିକ୍ଷଣ ପଦ୍ଧତି ଆପଣାଇବା ଆବଶ୍ୟକ । ଏହା ସମସ୍ତ ଶିକ୍ଷାର୍ଥୀଙ୍କର ବୁଝିବାସ୍ତର, ଆଗ୍ରହ ଓ ଆବଶ୍ୟକତାକୁ ପୁରଣ କରିପାରିବ ।

୪. ବିଦ୍ୟାଳୟ ପିଲାଙ୍କ ବ୍ୟକ୍ତିତ୍ୱ ବିକାଶ ପାଇଁ ଏକ କ୍ଷେତ୍ର ହେବା ଉଚିତ । ବିଦ୍ୟାଳୟରେ ପିଲାମାନଙ୍କ ପରିବେଶ ଓ ବଂଶାନୁକ୍ରମ ଗୁଣକୁ ଦୃଷ୍ଟିରେ ରଖି ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ ହେବା ଉଚିତ ।

୫. ପ୍ରତ୍ୟେକ ବିଦ୍ୟାଳୟରେ ଉପଦେଶ ଓ ପରାମର୍ଶ କେନ୍ଦ୍ର ହେବା ଉଚିତ ।

**ନିଜ ଅଗ୍ରଗତି ଆକଳନ -୧**

୧. ବଂଶାନୁକ୍ରମ ଗୁଣ କଣ ?

......................................................................................................................................

......................................................................................................................................

......................................................................................................................................

୨. ପରିବେଶ କଣ ?

......................................................................................................................................

......................................................................................................................................

......................................................................................................................................

୩. ବଂଶାନୁକ୍ରମର ଉପାଦାନଗୁଡ଼ିକ କଣ ?

......................................................................................................................................

......................................................................................................................................

......................................................................................................................................

୪. ପରିବେଶର ଉପାଦାନଗୁଡ଼ିକ କଣ ?

......................................................................................................................................

......................................................................................................................................

......................................................................................................................................

୫. ବଂଶାନୁକ୍ରମ ଗୁଣ ପରିବେଶ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ତୁମେ କିପରି କହିପାରିବ ?

......................................................................................................................................

......................................................................................................................................

......................................................................................................................................

ଟିପ୍ପଣୀ

୬. ପରିବେଶ ସପକ୍ଷରେ ଯୁକ୍ତିଗୁଡ଼ିକ କଣ ?

..........................................................................................................

..........................................................................................................

..........................................................................................................

୭. ବଂଶାନୁକ୍ରମ ଓ ପରିବେଶର ଆପେକ୍ଷିକ ଗୁରୁତ୍ୱ ଅଧ୍ୟୟନ କଣ ?

..........................................................................................................

..........................................................................................................

..........................................................................................................

୮. ବଂଶାନୁକ୍ରମ ଓ ପରିବେଶ ଅଧ୍ୟୟନର ଶୈକ୍ଷିକ ପ୍ରୟୋଗ ବର୍ଣ୍ଣନା କର ?

..........................................................................................................

..........................................................................................................

..........................................................................................................

## ୨.୮ ସାରାଂଶ

ଶିକ୍ଷା ପିଲାର ବୃଦ୍ଧି ଓ ବିକାଶରେ ଅପରିହାର୍ଯ୍ୟ ଭାବେ ଜଡିତ । ଶିକ୍ଷା ପିଲାର ସର୍ବାଧିକ ଶକ୍ତିକୁ ପ୍ରଦର୍ଶିତ କରିବା ପାଇଁ ଲକ୍ଷ୍ୟ ରଖେ । ଏହା କୁହାଯାଏ ଯେ ପିଲାଟିଏ ପିଲାଟିଏ କିଛି ବୈଶିଷ୍ଟ୍ୟ ନେଇ ଜନ୍ମ ହୁଏ ଓ ଏହା ହିଁ ତାକୁ ସ୍ୱତନ୍ତ୍ର ପରିବେଶରେ ଶିକ୍ଷାର ବୃଦ୍ଧିରେ ଉତ୍ସାହିତ କରିବାକୁ ଶକ୍ତି ଯୋଗାଏ । ବୃଦ୍ଧି ହେଉଛି ପରିବେଶ ଓ ଜୀବ ମଧ୍ୟରେ କ୍ରିୟାପ୍ରତିକ୍ରିୟାର ଫଳ । ବଂଶାନୁଭବମାନଙ୍କ ଅନୁଯାୟୀ ବଂଶାନୁକ୍ରମ ଗୁଣ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ, ଯେହେତୁ ଏହା ବ୍ୟକ୍ତିର ବ୍ୟକ୍ତିତ୍ୱ ବିଷୟରେ ସବୁ କିଛି ସ୍ଥିର କରିଥାଏ । ବଂଶାନୁକ୍ରମ ଗୁଣ ହେଉଛି ବ୍ୟକ୍ତିର ଜନ୍ମଗତ ଗୁଣର ସମଷ୍ଟି । ପରିବେଶ ସମସ୍ତ ଶକ୍ତିକୁ ବୁଝାଏ ଯାହା ଏକ ବ୍ୟକ୍ତି ଉପରେ କାର୍ଯ୍ୟ କରେ । ଗର୍ଭରେ ରହିବା ପରେ ପିଲାର କିପରି ବୃଦ୍ଧି ଘଟେ, ତାହା ହେଉଛି ତାର ବଂଶାନୁକ୍ରମ ଗୁଣର ବୈଶିଷ୍ଟ୍ୟ ପରିବେଶ ମଧ୍ୟରେ ସମ୍ପର୍କ / ପ୍ରଭାବର ଫଳ । ଗବେଷଣାରେ ଦର୍ଶାଯାଇଛି ଯେ ପ୍ରତ୍ୟେକ ଚାରିତ୍ରିକ ବୈଶିଷ୍ଟ୍ୟ ତାର ବୃଦ୍ଧି ନିମନ୍ତେ ଉଭୟ ବଂଶାନୁକ୍ରମ ଗୁଣ ଓ ପରିବେଶ ଆବଶ୍ୟକ କରେ ।

ପରିବେଶ ଓ ବଂଶାନୁକ୍ରମ ଗୁଣ ଉଭୟ ସମାନ ରୂପେ ଗୁରୁତ୍ୱପୂର୍ଣ୍ଣ ଓ ଏକା ସହିତ ରହିବେ ଏବଂ କିଛି ଉପଲବ୍ଧି ନିମନ୍ତେ ଉଭୟ ଆବଶ୍ୟକ । ଅନ୍ୟ ଅର୍ଥରେ ଆମେ କହିପାରିବା ଯେ ପରିବେଶ ଓ ବଂଶାନୁକ୍ରମ ଗୁଣ ଉଭୟ ସମାନ ଘଟଣାରେ ପରିପୂରକ ।

## ୨.୯ ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

୧. ବଂଶାନୁକ୍ରମ ଏକ ପ୍ରକ୍ରିୟା ଯାହା ମାଧ୍ୟମରେ କୋଷ ଭୌତିକ/ ଶାରୀରିକ ଓ ମାନସିକ ଗୁଣାବଳୀ/ ବୈଶିଷ୍ଟ୍ୟ ପିତାମାତାଠାରୁ ଦାୟାଦମାନଙ୍କ ପାଖକୁ ଆସିଥାଏ ।

୨. ପରିବେଶ ହେଉଛି ଯାହାଠାରୁ ବ୍ୟକ୍ତି ତା'ର ବୃଦ୍ଧି ଓ କାର୍ଯ୍ୟ ନିମନ୍ତେ ଉଦ୍ଦୀପକ ଗ୍ରହଣ କରେ, ଯାହା ଶାରୀରିକ, ମାନସିକ, ଓ ଆବେଗିକ ଦିଗକୁ ଅର୍ନ୍ତଭୁକ୍ତ କରେ ।

୩. ବଂଶାନୁକ୍ରମର କାରକଗୁଡ଼ିକ ହେଲେ ଗୁଣସୂତ୍ର, ଶାରୀରିକ ଆକାର, ଉଚ୍ଚତା, ଓଜନ, ଚର୍ମର ରଙ୍ଗ ଇତ୍ୟାଦି ।

ଟିପ୍ପଣୀ

୪. ପରିବେଶଗତ କାରକଗୁଡିକ ହେଲେ ସେହି ସମସ୍ତ ଯାହା ଆମେ ଆମ ଚୁତଃପାର୍ଶ୍ୱରେ ଦେଖୁଛେ । ଏହା ଭୌତିକ, ସାଂସ୍କୃତିକ ଓ ସାମାଜିକ ଦିଗକୁ ବୁଝାଏ ।

୫. ଏହା ନିଶ୍ଚିତ ଯେ ବାଘଟିଏ ବାଘ ଛୁଆକୁ ଜନ୍ମ ଦିଏ । ସେ କଦାପି ଏକ ହାତୀ ଛୁଆକୁ ଜନ୍ମ ଦେଇପାରିବ ନାହିଁ । ଏହି ପ୍ରକୃତି ଓ ପ୍ରାଧାନ୍ୟ ବିସ୍ତାର କରିଥିବା ବୈଶିଷ୍ଟ୍ୟଗୁଡିକ ପିତାମାତାଠାରୁ ଦାୟାଦଙ୍କ ପାଖକୁ ଯାଇଥାଏ । ଉଦାହରଣସ୍ୱରୂପ ବାଙ୍ଗରା ପିତାମାତାଙ୍କ ଠାରୁ ବାଙ୍ଗରା ପିଲା ଜନ୍ମ ନେଇଥାଏ ।

୬. ପରିବେଶ ବ୍ୟକ୍ତିର ବ୍ୟବହାରିକ ଦିଗକୁ ପ୍ରଭାବିତ କରିଥାଏ । ଉଦାହରଣ: ଦୁଇଟି ଯମଜ ସନ୍ତାନକୁ ଭିନ୍ନ ଭିନ୍ନ ସ୍ଥାନରେ ପ୍ରତିପାଳନ କରାଗଲେ ଉଭୟ ସେମାନଙ୍କ ପାଳିତ ପିତାମାତାଙ୍କ ଗୁଣକୁ ଆପଣାଇବେ ଭାଷାଗତ ଦକ୍ଷତା ପରିବେଶ ଉପରେ ନିର୍ଭର କରେ । ଅଶିକ୍ଷିତ ପିତାମାତାଙ୍କଠାରୁ ଜନ୍ମ ନେଇଥିବା ପିଲାଟିଏ ୧୦ ବର୍ଷ ବେଳକୁ ୧୦ ପ୍ରକାରର ଭିନ୍ନ ଭାଷା ଶିଖିପାରେ ।

୭. ବ୍ୟକ୍ତିର ବୃଦ୍ଧିରେ ପରିବେଶ ଓ ବଂଶାନୁକ୍ରମର ଭୂମିକା ଅନନ୍ୟ ଅଟେ ଏବଂ ସେମାନେ ଏକ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି । ବ୍ୟକ୍ତି ହେଉଛି ପରିବେଶ ଓ ବଶଗତ ଗୁଣର ଫଳସ୍ୱରୂପ । ପରିବେଶଗତ କାରକ ଓ ବଂଶଗତ ଗୁଣର କାରକର ପ୍ରଭାବ ପିତାମାତାଙ୍କର ପିଲାକୁ ପ୍ରତିପାଳନ ଉପରେ ନିର୍ଭର କରେ । ଉଦାହରଣ ହେଉଛି ମଞ୍ଜି ଓ ମୃତ୍ତିକା= ଉତ୍ପାଦନ । ଏବଂ ପୁଞ୍ଜି ଓ ବିନିଯୋଗ= ରାଜସ୍ୱ । ଏହାର ଆପେକ୍ଷିକ ଗୁରୁତ୍ୱକୁ ପ୍ରମାଣ କରିବାକୁ ଦିଆଯାଇଛି ।

୮. ପରିବେଶ ଓ ବଂଶାନୁକ୍ରମର ଶୈକ୍ଷିକ ପ୍ରୟୋଗ ହେଲା, ପରିବେଶ ଓ ବଂଶାନୁକ୍ରମ ବିଷୟରେ ପଢିବା ଦ୍ୱାରା ଶିକ୍ଷକ ବ୍ୟକ୍ତିଗତ ପାର୍ଥକ୍ୟ ବୁଝିପାରନ୍ତି । ଶିକ୍ଷଣରେ ପ୍ରଭେଦକୁ ସର୍ବନିମ୍ନ ସ୍ତରକୁ ଆଣିପାରନ୍ତି ଓ ଶ୍ରେଣୀ ଶିକ୍ଷଣରେ ସମସ୍ତଙ୍କୁ ସମାନ ସୁଯୋଗ ଦିଅନ୍ତି । ଶିକ୍ଷକ ଶିକ୍ଷାର୍ଥୀକୁ ଅଭିପ୍ରେରଣା ଯୋଗାଇବା ନିମନ୍ତେ ଉପଯୁକ୍ତ ପଦ୍ଧତି ଓ ଶିକ୍ଷଣ ଉପକରଣ ବ୍ୟବହାର କରିପାରନ୍ତି ।

## ୨.୧୦ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ


1. Hurlock, Elizabeth B. (1973), Adolescent Development Mcgrow Hill-TOKYO
2. Jersild, Arthur. Thomas(1957), Psychology of Adolecent, Macmillon Michigon
3. Chauhan, ss(2010) Advance Education Psychology, NBS Edcational Pubication, Chandigard.
4. Chaube S.P& Chaube, Akhilesh(1996) Education Psychology and Experiments Himalaya Publishing House, Bombay.


## ୨.୧୧ ସଂକ୍ଷେପଣ/ ପରିଭାଷିକ

| | |
|---|---|
| ବଂଶାନୁକ୍ରମ ଗୁଣ | : ଶାରୀରିକ ଓ ମନୋବିଜ୍ଞାନ ଗତ ଗୁଣାବଳୀ ଯାହା ଶିଶୁ ତାର ପିତାମାତାଠାରୁ ବହନ କରିଥାଏ । |
| ପରିବେଶ | : ଆମ ଚତୁଃପାର୍ଶ୍ୱ ଯେଉଁଠାରେ ପିଲା/ବ୍ୟକ୍ତି ବଢିଥାଏ ଏବଂ ରାହା ବାହ୍ୟ ଜଗତରୁ ସମସ୍ତ ଉପାଦାନ ଯୋଗଇଥାଏ । |
| ମନୋବୃତ୍ତି | : ଏହା ମନର ଏକ ଅବସ୍ଥା, ଯାହା ଶିକ୍ଷାର୍ଥୀର ଇଚ୍ଛା ଓ ଅନିଚ୍ଛାକୁ ପ୍ରକାଶ କରେ । |
| ପ୍ରବଣତା | : ଏକ ପ୍ରାକୃତିକ ଦକ୍ଷତା । |

ଟିପ୍ପଣୀ

ଗୁଣସୂତ୍ର : ଏକ କୋଷ ଯାହା ପିତାମାତାଙ୍କଠାରୁ ଦାୟଦମାନଙ୍କ ପାଖକୁ ବଂଶଗତ ବାର୍ତ୍ତା ବହନ କରେ ।

ପରିପକ୍ୱତା : ସମ୍ପୂର୍ଣ୍ଣ ବୃଦ୍ଧି ହେବାର ପ୍ରକ୍ରିୟା

ବୁଦ୍ଧିମାନ : ଏହା କୌଣସି କାର୍ଯ୍ୟ କରିବାର ଦକ୍ଷତା କିମ୍ବା ଅର୍ଥପୂର୍ଣ୍ଣ ଭାବେ ଚିନ୍ତା କରିବାର ଦକ୍ଷତା ।

ପ୍ରଭାବିତ କରିବା : ନକାରାତ୍ମକ ପ୍ରଭାବ ପକାଇବା

ପାରସ୍ପରିକ ସମ୍ପର୍କ : ପରସ୍ପର ମଧ୍ୟରେ ସମ୍ପର୍କ

ଅସାଧାରଣ : ଖୁବ୍ କମ୍ / କେବେ କେମିତି ଦେଖାଯାଉଥିବା ଦକ୍ଷତା ବିଶିଷ୍ଟ ପିଲା ।

ଭ୍ରୁଣ : ଶୁକ୍ରାଣୁ ଓ ଡିମ୍ବାଣୁ ମିଳନରୁ ଜାତ

ଯମଜ : ଏକା ପରି ଦେଖାଯାଉଥିବା ଦୁଇଟି ପିଲା ।

ଭାତୃ ସମ୍ବନ୍ଧୀୟ ଯମଜ: ଏକା ପରି ଦିଶୁଥିବା ଦୁଇଭାଇ

## ୨.୧୨ ପାଠାନ୍ତ ପ୍ରଶ୍ନାବଳୀ

୧. ପରିବେଶ ଓ ବଂଶଗତ ଗୁଣର ବିଶେଷତ୍ୱ ବର୍ଣ୍ଣନା କର ?

୨. ପରିବେଶ ଓ ବଂଶଗତ ଗୁଣର ଶିକ୍ଷଣ ସମ୍ପୃକ୍ତି ବର୍ଣ୍ଣନା କର ?